# Akashvani, Sambalpur

## SAMBALPURI NEWS BULLETIN

### 23 August 2024- 6.47- 6.52 am.

*********************************************

ଲଖ୍‌ପତି ଦିଦି ସାର୍ଟିପିକେଟ          ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୫ ତାରିଖ୍ ରଏବାର୍ ଦିନ ମହାରାଷ୍ଟ୍ରର୍ ଜଲ୍‌ଗାଓଁ ନୁ ଲଖ୍‌ପତି ଦିଦି ମାନ୍‌କର୍ ସାଙ୍ଗେ କଥାବାର୍ତା କର୍‌ବେ । ଇତାର୍‌ସହେତେ ୧୧ ଲାଖ୍ ନୂଆଁ ଲଖ୍‌ପତି ଦିଦିଙ୍କୁ ସାର୍ଟିପିକେଟ୍ ଦେବେ ବଲି କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ୍, କୃଷି ଆଉ କୃଷକ୍ କଲ୍ୟାଣ୍‌ମନ୍ତ୍ରୀ ଶିବରାଜ୍ ସିଂ ଚୌହାନ୍ କହିଛନ୍ । ନୂଆଦିଲ୍ଲୀ ନ ଗୁଟେ ସାମ୍ବାଦିକ୍ ସମ୍ମିଲନୀଥି ଶ୍ରୀ ଚୌହାନ୍ କହିଛନ୍ ଯେ, ଇ କାର୍ଯ୍ୟକ୍ରମ୍‌ଥି ପ୍ରଧାନ୍‌ମନ୍ତ୍ରୀ ୫ ହଜାର୍ କୋଟି ଟଙ୍କାର୍ ବେଙ୍କ୍ ଋଣ ଭିଲ୍ ମଞ୍ଜୁର୍ କର୍‌ବେ । ଯେନ୍‌ଥିର୍‌ଲାଗି ୨୫ ଲାଖ୍ ୮ ହଜାର୍ ସଭ୍ୟ ଆଉ ୨ ଲାଖ୍ ୩୫ ହଜାର୍ ୪ ଶହ ସ୍ୱୟଂ ସହାୟକ ଗୋଷ୍ଠୀ ଲାଭ୍ ପାଏବେ । ୩୪ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ୍ ପ୍ରଦେଶ୍‌ର ପାଖାପାଖି ୩୦ ହଜାର୍ ଜାଗା ନ ପ୍ରଧାନ୍‌ମନ୍ତ୍ରୀ ଆଭାସୀ ଜରିଏ ଇ କାର୍ଯ୍ୟକ୍ରମ୍‌ଥି ଜୁଡ଼ିହେବେ । ଇଥି

ଓଡ଼ିଶାର୍ ୯୭ ହଜାର୍ ୨ ଶହ ଲଖ୍‌ପତି ଦିଦିଙ୍କୁ ପ୍ରମାଣ୍‌ପତ୍ର ମିଲ୍‌ବା ବଲି ଶ୍ରୀ ଚୌହାନ୍ କହିଛନ୍ ।

ରାଜ୍ୟ କେବିନେଟ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ଭୁବ୍‌ନେଶ୍ୱର୍ ନ ରାଜ୍ୟ କେବିନେଟ୍‌ର ଗୁଟେ ଗୁରୁତ୍ୱପୂର୍ଣ୍ଣ ବୈଠକ୍ ହେଇଯାଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ ବୈଠକ୍‌ଥି କେତେଟା ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇଛେ । ବିଧାନ୍‌ସଭା ଚାଲିଥିବାର୍‌ନୁ କେବିନେଟ୍‌ଥି ନିଆଯାଇଥିବା ନିଷ୍ପତି ଗୃହ ନ ସୂଚ୍‌ନା ଦିଆଯିବା ।

ବିଧାୟକ୍ ଆଂଚଲିକ୍ ଉନ୍ନୟନ୍ ପାଣ୍ଠି ଆର୍‌ଏନ୍‌ୟୁ /ସମ୍ବଲପୁର

୨୦୨୪-୨୫ ଆର୍ଥିକ୍ ବଛ୍‌ରେ ବିଧାୟକ୍ ଆଂଚଲିକ୍ ଉନ୍ନୟନ୍ ପାଣ୍ଠି ବଢ଼ାବାର୍ ଲାଗି ସର୍‌କାର୍‌ଙ୍କର୍ କେନ୍‌ସି ପ୍ରସ୍ତାବ୍ ନାଇଁନ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ବିଧାନ୍‌ସଭା ନ ଗୁଟେ ପ୍ରଶ୍ନର୍ ଉତର୍ ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ବିଧାୟକ୍ ଆଂଚଲିକ୍ ଉନ୍ନୟନ୍ ପାଣ୍ଠି ୧୯୯୭-୯୮ ବଛ୍‌ରୁ ୫

ଲାଖ୍ ଟଙ୍କାନୁ ମୁଲ୍ ହେଇଥିଲା ଆଉ ୨୦୨୦-୨୧ ଆର୍ଥିକ୍ ବଛର୍‌ନୁ ଇଟା ୩ କୋଟି ଟଙ୍କାକେ ବଢ଼ାଯାଇଛେ ।

ହାଇଟେକ୍ ସର୍ଭେ          ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ଭୂ-ବନ୍ଦୋବସ୍ତ କର୍‌ବାର୍ ଲାଗି ଓଡ଼ିଶା ସ୍ପେଶାଲ୍ ସର୍ଭେ ଏଣ୍ଡ ସେଟଲ୍‌ମେଂଟ୍ ଏକ୍ଟ ଏଣ୍ଡ ରୁଲ୍ସ -୨୦୧୨ ଅନ୍‌ସାରେ ଭିନ୍ ଭିନ୍ ଜିଲ୍ଲା ନ ହାଇଟେକ୍ ସର୍ଭେ କରାଯାଉଛେ ବଲି ରାଜସ୍ୱମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ବିଧାନ୍‌ସଭା ନ ଗୁଟେ ପ୍ରଶ୍ନର୍ ଉତର୍ ଦେଇକରି ଶ୍ରୀ ପୂଜାରୀ କହିଛନ୍ ଯେ, ପହେଲା ଖେପେ ସମ୍ବଲ୍‌ପୁର୍, ସୁବର୍ଣ୍ଣପୁର୍, ଦେବ୍‌ଗଡ଼୍, ସୁନ୍ଦର୍‌ଗଡ଼୍, ବଲାଙ୍ଗିର୍, କେନ୍ଦୁଝର୍, ଗଞ୍ଜାମ୍, ଖୋର୍ଦ୍ଧା ଆର୍ କଟକ୍ ଜିଲ୍ଲା ନ କରାଯାଇଛେ । ଆରଖେପେ ବାକି ଜିଲ୍ଲାମାନ୍‌କୁ ଇ ହାଇଟେକ୍ ସର୍ଭେ କରାଯିବାର୍ ପ୍ରସ୍ତାବ୍ ରହିଛେ ।

ନୂଆଁ ଜଲନୀତି ପ୍ରବର୍ତନ୍          ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ନୂଆଁ ଜଲନୀତି ପ୍ରବର୍ତନ୍ କର୍‌ବାର୍ ଲାଗି ପଦକ୍ଷେପ୍ ନିଆଯାଉଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ ।

ବିଧାନ୍‌ସଭା ନ ଗୁଟେ ପ୍ରଶ୍ନର୍ ଉତର୍ ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ତୃତୀୟ ସ୍ୱାଇରାଲ୍ ସର୍ବେକ୍ଷଣ୍ ଅନ୍‌ସାରେ ପାଖାପାଖି ୫୩ ଦଶ୍‌ମିକ୍ ୪/୭ ପ୍ରତିଶତ୍ ପାଏନ୍ ସମୁଦ୍ରକେ ବୁହିଯାଉଛେ । ଯେନ୍ ଯେନ୍ ନଦୀ ନ ଆନ୍ତରାଜ୍ୟ ଜଲ୍‌ବିବାଦ୍‌ର ସମାଧାନ୍‌ଥି ଡେରି ଲାଗି ଭିନ୍ ଭିନ୍ ପ୍ରକଳ୍ପ କାମ୍ ବାଧାପ୍ରାପ୍ତ ହେଇକରି ବର୍ଷା ଦିନେ ବେଭାର୍‌ଯୋଗ୍ୟ ନଦୀର୍ ପାଏନ୍ ସମୁଦ୍ରକେ ପଲଉଛେ । ପାଏନ୍‌ର ସୁପରିଚାଲନା ଲାଗି ୩୫ ଟା ବନ୍ଧ୍, ୨୭ ଟା ବେରେଜ୍ ଆର୍ ୪୨ ଟା ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍‌ଚର୍ ପ୍ରକଳ୍ପ କରାଯିବାର୍ ଲାଗି ଯୋଜ୍‌ନା କରାଯାଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

## ରତ୍ନଭଣ୍ଡାର୍ ଆଲ୍‌ମିରା, ସିନ୍ଦୁକ ସ୍ଥାନାନ୍ତର

ଆର୍‌ଏନ୍‌ୟୁ /ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍‌ର ବାହାର ଆଉ ଭିତର ରତ୍ନଭଣ୍ଡାର୍ ନ ଥିବାର୍ ସବୁ ଖାଲି ଆଲ୍‌ମିରା ଆର୍ ସିନ୍ଦୁକ ମାନ୍‌କୁ ଆଏଜ୍ ବାହାର୍ କରାଯାଇକରି ନିଳାଦ୍ରୀ ବିହାର୍ ମ୍ୟୁଜିୟମ୍ ପାଖର୍ ଗୁଟେ ଘରେ ସୁରକ୍ଷିତ୍ ରଖାଯିବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ରାଜ୍ୟ ସର୍‌କାର୍‌ଙ୍କର୍ ଅନୁମୋଦିତ ମାର୍ଗଦର୍ଶିକା

ଅନ୍‌ସାରେ ଇ କାମ୍ ହେବା । ହେଥି ଶ୍ରୀଜୀଉଙ୍କର୍ ନୀତିକାନ୍ତି ଆଉ ସେବାପୂଜାଥି ଯେନ୍ତା କିଛି ଅସୁବିଧା ନାଇଁ ହେବା, ସେଥିର୍‌ଲାଗି ଖାସ୍ ନୀତି ନିର୍ଘଂଟ ତିଆର୍ କରାଯାଇଛେ ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ କୁହାଯାଇଛେ ।

ଜାତୀୟ ମହାକାଶ୍ ଦିବସ ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏଜ୍ ଜାତୀୟ ମହାକାଶ୍ ଦିବସ୍ । ୨୦୨୩ ଅଗଷ୍ଟ ୨୩ ତାରିଖ୍ ଦିନ ଚନ୍ଦ୍ରଯାନ ୩ ମହାକାଶ୍ ଅଭିଯାନ୍ ଜରିଏ ଲେଣ୍ଡର୍ ବିକ୍ରମ୍ ସଫଲତାର୍ ସହେତେ ଚନ୍ଦ୍ରପୃଷ୍ଠକେ ପୁହୁଁଚିଥିଲା । ଇ ଦିନ୍‌କେ ମନେ ରଖିବାର୍ ଲାଗି ଜାତୀୟ ମହାକାଶ୍ ଦିବସ୍ ପାଲିତ୍ ହେଉଛେ । ଇ ବଛର୍ ପହେଲାକରି ଇ ଦିବସ୍ ପାଲନ୍ କରାଯାଉଛେ । ଇ ବଛ୍‌ରର୍ ବାର୍ତା ରହିଛେ 'ଚନ୍ଦ୍ରକେ ଛୁଇଁବାର୍ ସହେତେ ଜୀବନ୍‌କେ ଛୁଇଁବା- ଭାରତର ଅନ୍ତରୀକ୍ଷ ବୀରଗାଥା' ।

ବିଦ୍ୟୁତ୍ ଯୋଗାଣ ବନ୍ଦ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ସହରର୍ ଅଇଁଠାପାଲି ପାଖର୍ ୩୩ କେଭି ଫିଡ଼ର୍ ଲାଇନ୍‌ର ଦେଖ୍‌ରେଖ୍ କାମ୍ ଲାଗି ଆଏବାକାଏଲ୍ ବିଦ୍ୟୁତ୍ ଯୋଗାଣ ବନ୍ଦ୍ ରହେବା । ସମ୍ବଲ୍‌ପୁର୍ ସହରର୍ ଅଇଁଠାପାଲି, କାଇଁସିର୍, ଭାଲୁପାଲି, ବୁଢ଼ାରଜା, ପ୍ରଧାନ୍‌ପଡ଼ା, ଅନୁଗୁଳିଆପଡ଼ା, ଏସ୍‌ଆର୍‌ଆଇଟି କଲୋନୀ, ଜଗନ୍ନାଥ କଲୋନୀ, ଫାଟକ୍, ଚେରୁଆପଡ଼ା, ବଲ୍‌ବସ୍‌ପୁର୍, ସମଲେଇମନ୍ଦିର ଏରିଆ, ପଟ୍ଟନାୟକ୍‌ପଡ଼ା, ଲେବର୍‌କଲୋନୀ, ମୁଦିପଡ଼ା, ରେଲ୍‌ୱେ କଲୋନୀ, ବଡ଼ବଜାର୍ , ବଙ୍ଗାଲୀପଡ଼ା, ଲକ୍ଷ୍ମୀଡୁଙ୍ଗୁରି, ଦୁର୍ଗାପାଲି, ସହଯୋଗ୍‌ନଗର୍, ରେମେଡ୍, ବରେଇପାଲି ଆର୍ କ୍ଷେତ୍‌ରାଜ୍‌ପୁର୍ ଆର୍ ଆଖର୍‌ପାଖର୍ ଇଲାକା ନ ଆଏବା କାଏଲ୍ ସଖାଲର୍ ୮ ବଜୁ ଦିନର୍ ୨ ବଜେତକ୍ ପାୱାର୍‌କଟ୍ ହେବା ।

ମନ୍ କି ବାତ୍          ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୫ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କର୍‌ବେ । ଇଟା ତାଙ୍କର୍ ଶହେ ୧୩ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ଇଥିର୍‌ଲାଗି ନରେନ୍ଦ୍ର ମୋଦୀ ଆପ୍ କି ମାଇ ଗଭ୍ ଓପନ୍ ଫୋରମ୍‌ଥି ପ୍ରଧାନ୍‌ମନ୍ତ୍ରୀ ଲୁକ୍‌କର୍ ଠାନୁ ଆଏବା ୨୩ ତାରିଖ୍‌ତକ୍ ମତାମତ୍ ଆହ୍ୱାନ୍ କରିଛନ୍ । ଇତାର୍‌ଛଡ଼ା ମାହାଲିଆ ଫୋନ୍ ନମ୍ବର୍ ୧୮୦୦-୧୧-୭୮୦୦ କେ ଡାଏଲ୍ କରିକରି ସେମାନେ ସେମାନ୍‌କର୍ ସନ୍ଦେଶ୍ ହିନ୍ଦୀ କି ଇଂରାଜୀଥି ରେକର୍ଡ୍ କରେଇପାର୍‌ବେ । ଇ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଏଆଇଆର୍ ନ୍ୟୁଜ୍, ଡିଡି ନ୍ୟୁଜ୍ ଆର୍ ପିଏମ୍‌ଓ ଅଫିସ୍‌ର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଶୁନାଯାଇପାର୍‌ବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷଥି ଇତାର୍ ପ୍ରସାରଣ୍ କରାଯିବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏବା ୫ ଦିନ୍‌ତକ୍ ଲଗାତାର୍ ବର୍ଷା ହେବା । ଉପକୂଳ ସହେତେ ପର୍ଶ୍ଚିମ ଓଡ଼ିଶାର୍ କେତେଟା ଜାଗା ନ ଜବର୍ ବର୍ଷା ହେବାର୍ ସମ୍ଭାବନା ରହିଛେ । ଇଥିର୍‌ଲାଗି ସବୁ ଜିଲ୍ଲାର୍ ଜିଲ୍ଲାପାଲ୍‌ମାନ୍‌କୁ ସତର୍କ ରହେବାର୍‌କେ ସ୍ୱତନ୍ତ୍ର ରିଲିଫ୍

କମିଶନର୍ ନିର୍ଦ୍ଦେଶ୍ ଦେଇଛନ୍ । ଭାରତୀୟ ପାଣିପାଗ୍ ବିଭାଗ୍ର ସୂଚ୍ନା ଅନ୍ସାରେ ଏଛେନ୍ ଦକ୍ଷିଣ ବାଂଲାଦେଶ୍ ଆର୍ ସେନ ଲାଗିକରି ଥିବା ଇଲାକା ନ ଲଘୁଚାପ୍ ସକ୍ରିୟ ରହିଛେ ।